USAID FROM THE AMERICAN PEOPLE | BILL & MELINDA GATES foundation | CSISA Cereal Systems Initiative for South Asia | CIMMYT International Maize and Wheat Improvement Center | IFPRI | IRRI

# ବିହନ ବୁଣା ଯନ୍ତ୍ର ବ୍ୟବସ୍ଥାପନ ପଦ୍ଧତି



## କିପରି ଟାଇନ୍ ପ୍ରସ୍ତୁତ କରାଯିବ ?

- ବିହନ ବୁଣା ଯନ୍ତ୍ର ଏକ ସମତଳ ସ୍ଥାନରେ ରଖନ୍ତୁ।
- ସମସ୍ତ ଟାଇନ୍ ସମାନ ସ୍ତରରେ ରହିବା ଆବଶ୍ୟକ।
- ‘ୟୁ’ କ୍ୟାମ୍ପ ସଂଯୋଗକୁ ତଳ ଉପର କରି ଟାଇନ୍ ଗୁଡିକୁ ସମାନ ସ୍ତରରେ ରଖନ୍ତୁ।
- ‘ୟୁ’ କ୍ଲାମ୍ପଗୁଡିକୁ ବାମ ଓ ଡାହାଣକୁ କରି ଧାଡି ଧାଡି ମଧ୍ୟରେ ବ୍ୟବଧାନ ସ୍ଥିର କରାଯାଇପାରେ।

## ବିହନ ବୁଣାଯନ୍ତ୍ରର କ୍ରମାଙ୍କନ



୧ ପ୍ରଥମ ଟାଇନ୍‌ର ମଧ ଭାଗରୁ ଶେଷ ଟାଇନ୍‌ର ମଧ ଭାଗ ପର୍ଯ୍ୟନ୍ତ ମାପ କରି ବିହନ ବୁଣା ଯନ୍ତ୍ରର ଓସାର ମାପ କରନ୍ତୁ। ବିହନ ବୁଣା ଯନ୍ତ୍ରର ସମ୍ପୂର୍ଣ୍ଣ ଓସାର ଜାଣିବା ପାଇଁ ଏଥିସହ ୨୦ ସେ.ମି. ଯୋଗ କରନ୍ତୁ। (ଅଥବା ଟାଇନ ସଂଖ୍ୟା ସହିତ ବୁଣିବାର ବ୍ୟବଧାନ ଗୁଣନ କରି ଯନ୍ତ୍ରର ଓସାର ଆକଳନ କରାଯାଇ ପାରେ)



୨ ବିହନ ମିଟର ସୂଚକାଙ୍କକୁ ଉପଯୁକ୍ତ ନିର୍ଗମନ ସ୍ଥାନରେ ରଖନ୍ତୁ। ବିହନ ବୁଣା ଗିଅର ପରିବର୍ତ୍ତନ କରି ବିହନ ବୁଣା ପରିମାଣ ପରିବର୍ତ୍ତନ କରାଯାଇପାରେ।



୩ ବିହନ ନିର୍ଗମନ ପାଇପକୁ ବାହାର କରି ଏହାର ଅଗ୍ର ଭାଗରେ ଜରି ମୁଣା ବାନ୍ଧନ୍ତୁ। ଜରି ବାନ୍ଧିବାବେଳେ ଦେଖିବା କଥା ଯେପରି ବିହନ ଆସିବା ଆରମ୍ଭ ହୋଇଥିବ। ବିହନ ବୁଣା ଯନ୍ତ୍ରକୁ ହାତରେ ବୁଲାଇ ବା ୪-୫ ଫୁଟ ଚଲାଇ ଏପରି କରାଯାଇପାରିବ।

୪ ଫ୍ଲୁଟେଡ୍ / ଗ୍ରୁଭ୍ ରୋଲର ପ୍ରକାରର ବିହନ ବୁଣାଯନ୍ତ୍ରରେ ବିହନ ବାକ୍ସକୁ ଏପରି ପୂରଣ କରନ୍ତୁ ଯେମିତି କାର୍ଯ୍ୟ କରିବାବେଳେ ବିହନ ମିଟରିଂ ବ୍ୟବସ୍ଥା ସଂପୂର୍ଣ୍ଣ ଆବୃତ ହୋଇ ରହିବ। ଇନ୍‌କ୍ଲାଇନଡ୍ ପ୍ଲେଟ ମିଟରିଂ ବ୍ୟବସ୍ଥାର ପ୍ରତି ଖରାପ ଅର୍ଦ୍ଧେକ ସ୍ଥାନରେ ବିହନ ରଖନ୍ତୁ। ଏହାଦ୍ୱାରା ଅଧିକ ପରିମାଣରେ ବିହନ ପଡିବ ନାହିଁ। ଇନ୍‌କ୍ଲାଇନଡ୍ ପ୍ଲେଟ ବିହନ ବୁଣାଯନ୍ତ୍ରରେ ବିହନ ବାକ୍ସକୁ ଗର୍ଭବ୍ଲେଡ (୬-୮ଟି ଗର୍ତ୍ତ) ଦିଗରେ ଢ଼ଳାଇ ବିହନ ବୁଣା ପରିମାଣରେ ପରିବର୍ତ୍ତନ କରାଯାଇପାରେ। ଉଦାହରଣ ସ୍ୱରୂପ ତଳମୁଣ୍ଡରୁ ତୃତୀୟ ବା ଚତୁର୍ଥ ଗର୍ତ୍ତ ସହିତ ବିହନ ବାକ୍ସକୁ ରଖିଲେ ଏକର ପ୍ରତି ଯଥାକ୍ରମେ ୧୦ ଓ ୮ କିଗ୍ରା ଧାନ ବିହନ ବୁଣାଯାଇଥାଏ।

୫ ଶେଷ ବା ପ୍ରଥମ ସିଆର ଠାରୁ ୨୦ ମିଟର ଦୂରତା ପର୍ଯ୍ୟନ୍ତ ମାପ କରନ୍ତୁ ଓ ସମାନ ଟାଇନ୍ ଯେଉଁଠି ୨୦ମିଟର ଦୂରତାରେ ମାଟିକୁ ଛୁଉଁଛି ତାକୁ ଚିହ୍ନିତ କରାନ୍ତୁ।

୬ ସଳଖ ଭାବେ ଟ୍ରାକ୍ଟରକୁ ୨୦ ମିଟର ଯାଏ ଚଳାନ୍ତୁ। ଏହାକୁ ଧିରେଧିରେ (ଘଣ୍ଟା ପ୍ରତି ୩-୫ କି.ମି. ବେଗରେ) ଚଳାନ୍ତୁ।



୭ ଜରିମୁଣାରେ ମୁକ୍ତ ଭାବେ ବିହନ ପଡୁଛି କି ନାହିଁ ଦେଖନ୍ତୁ।

୮ ପ୍ରତ୍ୟେକ ମୁଣାରେ ସଂଗ୍ରହ କରାଯାଇଥିବା ବିହନକୁ ଅଲଗା ଭାବେ ଓଜନ କରନ୍ତୁ। ଏହା ସମାନ ହେବା ଆବଶ୍ୟକ। ସମାନ ନ ହେଲେ ମିଟରିଂ ବ୍ୟବସ୍ଥା ବିଶେଷ କରି ରୋଲର ଓ ବିହନ ପାଇପକୁ ଆଉଥରେ ତଦାରଖ କରନ୍ତୁ।

୯ ବିହନ ପରିମାଣ (ଏକର ପ୍ରତି କି.ଗ୍ରା.)

$$= \frac{\text{୪୦୦୦ x ବିହନର ଓଜନ (ଗ୍ରାମରେ)}}{\text{ଫସଲ ବୁଣା ଅଞ୍ଚଳର ଓସାର x ୨୦x ୧୦୦୦}}$$

୧୦ ବିହନ ବୁଣା ପରିମାଣ ସୁପାରିଶ କରାଯାଇଥିବା ପରିମାଣ ସହିତ ସମାନ ନ ହେଲେ ପୁନରାୟ ଦ୍ୱିତୀୟ ସୋପାନ ପଦ୍ଧତି ଅନୁସରଣ କରି ବିହନର ପରିମାଣ ନିର୍ଦ୍ଧାରଣ କରନ୍ତୁ। ପୁଣିଥରେ ଉପରୋକ୍ତ ସମସ୍ତ ବ୍ୟବସ୍ଥାପନ ପଦ୍ଧତିକୁ ଅନୁସରଣ କରି ନର୍ଦ୍ଧାରିତ ବିହନ ପରିମାଣରେ ପହଞ୍ଚନ୍ତୁ।

* ଏହିପରି ଭାବରେ ରାସାୟନିକ ସାରର କ୍ରମାଙ୍କପ ମଧ୍ୟ କରାଯାଇପାରିବ।

## ବୁଣିବା ସ୍ତର କିପରି ସ୍ଥିର କରାଯିବ ?

- ଗୋଟିଏ ସମତଳ ସ୍ଥାନରେ ବିହନ ବୁଣା ଯନ୍ତ୍ରକୁ ରଖନ୍ତୁ।
- ଭୂମି ପଉନ ଓ ଗଭୀରତା ନିୟନ୍ତ୍ରକ ମଧ୍ୟରେ ରହିଥିବା ବ୍ୟବଧାନ ମାପ କରନ୍ତୁ। ଉଦାହରଣ ସ୍ୱରୂପ, ବୁଣାଯିବା ପାଇଁ ଏହା ୨-୩ ସେ.ମି. ହେବା ଆବଶ୍ୟକ।
- ଗଭୀରତା ନିର୍ଣ୍ଣୟକାରୀ ସ୍କ୍ରୁ ସାହାଯ୍ୟରେ ଗଭୀରତା ସ୍ଥିର କରନ୍ତୁ। ସ୍କ୍ରୁକୁ ଟାଇଟ କଲେ ଗଭୀରତା ବଢ଼ିଥାଏ ଓ ଢ଼ିଲାକଲେ ଗଭୀରତା ହ୍ରାସ ପାଏ। ଗଭୀରତା ନିର୍ଣ୍ଣୟକାରୀ ଚକାଦ୍ୱୟ ଭୂମିଠାରୁ ସମାନ ଦୂରତା ରହିବା ଆବଶ୍ୟକ।





## କିପରି ବିହନ ବୁଣା ଯନ୍ତ୍ରକୁ ସନ୍ତୁଳିତ କରାଯିବ ?

- ସମସ୍ତ ସମ୍ମୁଖ ଓ ପଶ୍ଚାତ ଟାଇନ ସମାନ ପଉନରେ ରହିବା ଆବଶ୍ୟକ। ଉପର ସଂଯୋଗର ଦୈର୍ଘ୍ୟ କମ ବେଶି କରି ଏହା କରାଯାଇପାରେ। ବାମ ଓ ଡାହାଣ ପଟରୁ ବିହନ ବୁଣାଯନ୍ତ୍ର ସମାନ ସ୍ତରରେ ରହିବା ଉଚିତ୍। ଜମିରେ ଚଳାଇବା ପୂର୍ବରୁ ତ୍ରୟସଂଯୋଗ ସ୍ଥାନକୁ କମ ବେଶି କରି ଏହା କରାଯାଇପାରେ।

ଏହା CIMMYT, IRRI ଏବଂ IFRIର ମିଳିତ ପ୍ରକଳ୍ପ CSISA ଦ୍ୱାରା ପ୍ରକାଶିତ। CSISA ପ୍ରକଳ୍ପଟି USAID ଏବଂ BMGFର ଆର୍ଥିକ ଅନୁଦାନ ପ୍ରାପ୍ତ ଅଟେ।